# "ତା'ର ଗୋଡ଼ ତଳେ ପଡ଼ି ତାକୁ ଦେଇଦିଅ ନତୁବା ଜେଲ୍‌ବି ଯିବୁ ଏବଂ ପଇସା ମଧ୍ୟ ଦେବୁ" !

ମୁଁ ସୁଶାନ୍ତ କୁମାର ସେଠୀ (ଛଦ୍ମନାମ), ଘର ଜଗତ୍‌ସିଂହପୁର ଜିଲ୍ଲାରେ । ପିଲାବେଳେ ପାଠ ପଢି ଚାକିରୀ କରିବାର ସ୍ୱପ୍ନଟା ସମସ୍ତେ ଦେଖନ୍ତି । ମୁଁ ବି ଦେଖୁଥିଲି । ଭଲପାଠ ପଢୁଥିଲେ ମଧ୍ୟ ଘରର ଆର୍ଥିକ ଅବସ୍ଥା ବହୁତ ଖରାପ ଥିଲା । ତେଣୁ ବହୁ କଷ୍ଟରେ ମାଟ୍ରିକ୍ ପର୍ଯ୍ୟନ୍ତ ଯାଇପାରିଲି । କିନ୍ତୁ ଯେତେ କଷ୍ଟ କଲେ ମଧ୍ୟ ଘରର ଆର୍ଥିକ ପରିସ୍ଥିତି ଆଗକୁ ପଢିବାର ସୁଯୋଗ ମତେ ଦେଲା ନାହିଁ । ଫଳରେ ଗାଁ ରେ ବିଭିନ୍ନ କାମଧନ୍ଦା କରି ମତେ ପେଟ ପୋଷିବା ପାଇଁ ପଡ଼ିଲା । ସବୁଲୋକଙ୍କ ଭଳି ମୋର ମଧ୍ୟ ସ୍ୱପ୍ନଥିଲା ଭଲରେ ବିବାହ କରିବା ସୁଖରେ ସଂସାର କରିବା ପାଇଁ । ଆମେ ହେଲୁ ହରିଜନ ଲୋକ, ଆମ ଜାତିର କିଛି ଲୋକଙ୍କର ପ୍ରସ୍ତାବ ଅନୁସାରେ ମୁଁ ଗାଁ ପାଖରେ ଜଣେ ଝିଅକୁ ବିବାହ କରିଥିଲି । ବିବାହର ଅଳ୍ପ କିଛିଦିନ ପର୍ଯ୍ୟନ୍ତ ପରିବାର ବେଶ୍ ଖୁସିରେ ଚାଲିଥିଲା । ମାତ୍ର ବିବାହର ଏକ ମାସ ପରେ କଳାବାଦଲ ଘୋଟିଲାପରି ସବୁ ଓଲଟ୍ ପାଲଟ୍ ହୋଇଯାଇଥିଲା । ସ୍ତ୍ରୀ ସର୍ବଦା ଅଲଗା ରହିବା ପାଇଁ ଜିଦ୍ ଧରି ବସେ । ପାଟିତୁଣ୍ଡ କଲା । ଅଳଥା କଥାରେ ବହୁତ ଜୋର୍‌ରେ ପାଟି କରିବାରୁ ସାହି ପଡ଼ିସାରେ ମୁଁ ନିନ୍ଦିତ ହେଲି । କଥାରେ କଥାରେ ରାଗିକରି ବାପଘରକୁ ପଳାଇଯିବାରୁ ଉଭୟ ଗାଁର ସରପଞ୍ଚମାନଙ୍କ ସହଯୋଗରେ ମିଳାମିଶା ପାଇଁ ତା ୦୮-୧୧-୨୦୧୫ରିଖ ରବିବାର ଦିନ ଜଗନ୍ନାଥ ମନ୍ଦିରରେ ଆଲୋଚନା ହୋଇ ଘଟଣାଟିର ସମାଧାନ କରାଗଲା ଏବଂ ମୋର ସ୍ତ୍ରୀ ସମସ୍ତଙ୍କ ଆଗରେ ସେଠାରେ ପ୍ରକାଶ କରିଥିଲା ଯେ, ମୁଁ କୁଆଡ଼େ ତାଙ୍କୁ ଶାନ୍ତି ଦେଇପାରୁନହିଁ । ସେ ମୋ ପାଖରେ ରହିବା ପାଇଁ ଚାହାନ୍ତି ନାହିଁ । ତେଣୁ ଭଦ୍ରଲୋକଙ୍କ ଉପସ୍ଥିତିରେ ଏକ ଲକ୍ଷ ଟଙ୍କା ନେଇ ମୋ ଠାରୁ ଦୂରେଇଯାଇ ଅନ୍ୟତ୍ର ବିବାହ କରିବାକୁ ଚାହୁଁଛି । ଭଦ୍ରଲୋକଙ୍କ କହିବା ଅନୁସାରେ ପ୍ରଥମେ ପଚାଶ ହଜାର ଟଙ୍କା ଦିଆଗଲା ଓ କୋର୍ଟରେ ଏକ ଉଭୟ ପକ୍ଷ ରାଜି ଅର୍ଥାତ୍ ଭାରତୀୟ ପିଙ୍ଗଳ କୋଡ୍ ପରିବାର ଅଦାଲତ ଧାରା ୧୩ (ବି.) ଅନୁସାରେ ବିବାହ ବିଚ୍ଛେଦ ଓକିଲଙ୍କ ଜରିଆରେ ତା. ୦୨-୦୨-୨୦୧୬ରିଖରେ ଦରଖାସ୍ତ କରାଗଲା । ମାତ୍ର ଅନ୍ୟ କାହାର ପ୍ରରୋଚନା କିମ୍ବା ମୋର ସ୍ତ୍ରୀର ବୁଦ୍ଧି ଅନୁସାରେ ବର୍ତ୍ତମାନ ମୋର ଶ୍ୱଶୁର ଓ ସ୍ତ୍ରୀ ପୁଣି ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ଦାବି କରୁଛନ୍ତି । ନହେଲେ ଜେଲ୍‌ରେ ପୁରାଇ ଦେବେ ବୋଲି ଧମକ ଦେଉଛନ୍ତି । ଏଠାରେ ପ୍ରକାଶ ଥାଉକି, ଏକ ଲକ୍ଷ ଟଙ୍କା ଦବାପାଇଁ ମୁଁ ସମ୍ପୂର୍ଣ୍ଣ ଅସମର୍ଥ । ବିବାହ ସମୟରେ ଧାର କରଜ କରିଥିଲି । ପୁଣି ଜମି ବନ୍ଧା ପକାଇ ପଚାଶ ହଜାର ଟଙ୍କା ଯୋଗାଡ଼ କରି ଦେଲି । ଆଉ ପଚାଶ ହଜାର ଟଙ୍କା ଦେବି ବୋଲି ଦୀର୍ଘ ଚାରି ମାସ ଧରି ଦିନରାତି ଏକ୍‌କରି ପରିଶ୍ରମ କରୁଥିଲି । ମାତ୍ର କେସ୍ ଓ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା କଥା ଶୁଣି ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି । ଇତି ମଧ୍ୟରେ ଥାନାର ପୁଲିସ୍ ବାବୁ ଓ ଯେଉଁ ଓକିଲ ବାବୁଙ୍କ ପାଖକୁ ଗଲେ ମଧ୍ୟ ପ୍ରାୟ ସମସ୍ତେ କହୁଛନ୍ତି ଯେ, ଆଇନ୍ ସର୍ବଦା ମହିଳା ମାନଙ୍କ ସପକ୍ଷରେ ଯିବ । ତେଣୁ ସିଏ ଯାହା କହୁଛି ତାର ଗୋଡ଼ ତଳେ ପଡ଼ି ତାକୁ ଦେଇଦିଅ । ନତୁବା ଜେଲ୍‌ବି ଯିବୁ ଏବଂ ପଇସା ମଧ୍ୟ ଦେବୁ । ଏସବୁ କଥା ଶୁଣିଲା ପରେ ମୁଁ ନା କାମଧନ୍ଦା କରିପାରୁଛି ନା ବଞ୍ଚିପାରୁଛି । ସତରେ ବିବାହ ମୋ ପାଇଁ ଏକ ଅଭିସାପ ହୋଇ ଯାଇଛି .......

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।